ପାଠ-୧୦

# ବୈଜ୍ଞାନିକ ମନୋବୃତ୍ତି

**STUDY NOTES**

## MIND MAP



ଲେଖକ ପରିଚୟ

ଶରତ କୁମାର ମହାନ୍ତି ଜଣେ ବୃଦ୍ଧିବାଦୀ ଚିନ୍ତାଶୀଳ ପ୍ରାବନ୍ଧିକ ଭାବରେ ଖ୍ୟାତ । ସେ କଟକ ଜିଲ୍ଲାର ଜରିପଡ଼ା ଗ୍ରାମରେ ୧୯୩୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ବିଜ୍ଞାନ, ଦର୍ଶନ, ମନସ୍ତତ୍ତ୍ୱ, ଇତିହାସ, ଧର୍ମ, ସଂସ୍କୃତି, ଲୋକଚରିତ୍ର ଓ ପୁରାଣକୁ କେନ୍ଦ୍ରକରି ଯୁକ୍ତିନିଷ୍ଠ ପ୍ରବନ୍ଧମାନ ରଚନା କରିଛନ୍ତି । ବିଜ୍ଞାନଧର୍ମୀ ତର୍କଣା ସହିତ ମନୋରଞ୍ଜନଧର୍ମୀ ରମଣୀୟ ଉପସ୍ଥାପନା ଚାତୁରୀ ତାଙ୍କ ପ୍ରବନ୍ଧର ବୈଶିଷ୍ଟ୍ୟ । ନିରପେକ୍ଷ ସତ୍ୟନିଷ୍ଠତାକୁ କେନ୍ଦ୍ରରେ ରଖି ସେ ପ୍ରବନ୍ଧର ବିଷୟ ନିରୂପଣ କରନ୍ତି । ତଥ୍ୟନିଷ୍ଠ ବିଷୟ ସଂଯୋଜନା ତାଙ୍କ ରଚନାର ଅନ୍ୟତମ ଲକ୍ଷଣ । ଆକାଶର ଆହ୍ୱାନ, ସକ୍ରେଟିସ୍ ଓ ପ୍ଲେଟୋ, ଅସ୍ତିତ୍ୱବାଦର ମର୍ମକଥା, ବିଜ୍ଞାନ ଦୃଷ୍ଟି, ଗାନ୍ଧି ମଣିଷ, ସଂସ୍କୃତି ଅପସଂସ୍କୃତି, ଗ୍ରୀକ୍ ଜାତିର ଜୀବନଗାଥା, ବୋଦାଙ୍କ ଦାଦାଗିରି, ଏଣୁଷ୍ଟ ତେଣୁଷ୍ଟ ଓ ଆଟମ୍‌ରୁ କ୍ୱାଟମ, ପ୍ରଭୃତି ତାଙ୍କ ରଚିତ କେତୋଟି ଉଲ୍ଲେଖଯୋଗ୍ୟ ଗଦ୍ୟଗ୍ରନ୍ଥ ।

ପ୍ରବନ୍ଧର ପୃଷ୍ଠଭୂମି :

ଆଲୋଚ୍ୟ ବୈଜ୍ଞାନିକ ମନୋବୃତ୍ତି ପ୍ରବନ୍ଧଟି ଲେଖକଙ୍କ ରଚିତ ବହୁଆଦୃତ ପ୍ରବନ୍ଧଗ୍ରନ୍ଥ ବିଜ୍ଞାନ ଦୃଷ୍ଟିରୁ ସଂଗୃହୀତ । ଏହି ପ୍ରବନ୍ଧରେ ପ୍ରାବନ୍ଧିକ ମହାନ୍ତି ବିଜ୍ଞାନୋଚିତ ମନୋବୃତ୍ତିରେ ସତ୍ୟର ଉଦ୍‌ଘାଟନ ଓ ଆଲୋଚନା କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏହି ପ୍ରବନ୍ଧରେ ଯୁକ୍ତିନିଷ୍ଠତା, ନିରପେକ୍ଷତା, ଅନାସକ୍ତ ଭାବବିଚାର, ସ୍ୱାଧୀନ ମାନସିକତା, ବିଜ୍ଞାନମନସ୍କତା, ଦୃଷ୍ଟିଭଙ୍ଗୀରେ ଯୁକ୍ତିଯୁକ୍ତତା ଆଦି ମହତ ଗୁଣାବଳୀର ମହିମା ସମ୍ପର୍କରେ ଆଲୋଚନା କରାଯାଇଛି । ସରଳ ଓ ଯୁକ୍ତିନିଷ୍ଠ ଉପସ୍ଥାପନା ମଧ୍ୟରେ ଗମ୍ଭୀର ଦର୍ଶନ ଓ ବିଜ୍ଞାନର ପ୍ରସଙ୍ଗ ଏଥିରେ ବର୍ଣ୍ଣିତ ହୋଇଛି । ବିଜ୍ଞାନ ଓ ବୈଜ୍ଞାନିକ ମନୋବୃତିର ମିଳନରେ ମଣିଷ ବିଚାର ମୂଲ୍ୟବାନ ହୋଇପାରିବ । ଏହି ପ୍ରକାର ସତ୍ୟକୁ ଏଥିରେ ପ୍ରତିପାଦଦ କରାଯାଇଛି ।

**ପ୍ରବନ୍ଧର ସାରକଥା**

କୌଣସି କଥା ବିଚାର କରିବାବେଳେ ନିଜକୁ ଆନନ୍ଦ ଦେଉଥିବା ଓ ନିଜ ପାଇଁ ଭଲ ହେଉଥିବା ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏ ପ୍ରକାର ଇଚ୍ଛାକୁ ଦମନ କରାଯିବା ଉଚିତ । ଅନାସକ୍ତ ଭାବେ କେବଳ ଯୁକ୍ତିଯୁକ୍ତ କାରଣ ସହିତ ବିଚାର କରିବା ହିଁ ବୈଜ୍ଞାନିକ ମନୋବୃତ୍ତିର ପରିଚାୟକ । ବ୍ୟକ୍ତି ନିଜ କଥାକୁ ଯୁକ୍ତି ଯୁକ୍ତି ଭାବିଲେ ତାହା ବୈଜ୍ଞାନିକ ମନୋବୃତି ପରିଚାୟକ ହୋଇଥାଏ । ଏହା ପ୍ରଭାବଶାଳୀ ବ୍ୟକ୍ତିର ମତ, ଏହା ଶାସ୍ତ୍ରର ମତ – ଏ ପ୍ରକାର ଦ୍ୱାହିଦେଇ ଆନ୍ଧାନୁସରଣର ବଶବର୍ତୀ ହେବା ଉଚିତ ନୁହେଁ । ବୈଜ୍ଞାନିକ ମନୋଭବ ଥିବା ବ୍ୟକ୍ତି କୌଣସି ଲାଭକ୍ଷତିର ଆଶା ନରଖି, ବ୍ୟକ୍ତିଗତ ଇଚ୍ଛାକୁ ପରିତ୍ୟାଗ କରି କେବଳ ସତ୍ୟର ଉଦ୍‌ଘାଟନ ପାଇଁ ନିରପେକ୍ଷ ଭାବରେ ବିଚାର କରିଥାନ୍ତି । ଏ ପ୍ରକାର ବିଚାରଶକ୍ତି ଥିବା ବ୍ୟକ୍ତି ସ୍ୱଳ୍ପ ଓ ବିରଳ ।